# Akashvani, Sambalpur

## SAMBALPURI NEWS BULLETIN

### 20 June 2025- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ -ଓଡ଼ିଶା ଗସ୍ତ     ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ବିଜେପି ସରକାରଙ୍କର ଗୁଟେ ବଛର୍ ପୂର୍ତ୍ତି ଅବ୍‌ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନ୍‌କିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିକଶିତ୍ ଓଡ଼ିଶା ଭିଜନ୍ ଡକୁମେଂଟ-୨୦୩୬କେ ଉନ୍ମୋଚନ୍ କର୍‌ବେ । ଇତାର୍ ସହେତେ ୧୯ ହଜାର କୋଟି ଟଙ୍କାର ଶହେ ୫ଟା ପ୍ରକଳ୍ପର ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ । ରାଜ୍ୟର୍ ୭୦ ବଛର୍‌ନୁ ଅଏତ୍‌କା ବଏସର୍ ଲୁକ୍‌କୁ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାଥି ସ୍ୱାସ୍ଥ୍ୟ କାର୍ଡ ବାଂଟବେ । ବରପୁତ୍ର ଆତିଥ୍ୟ ଗ୍ରାମ ଯୋଜ୍‌ନା ଆର୍ କୁଟ୍ ଅଧୀନ୍‌ଥି ଶହେ ଟା ବିଦ୍ୟୁତ୍ ଚାଲିତ୍ ବସ୍ ସେବାର୍ ଶୁଭାରମ୍ଭ କର୍‌ବେ । ସେନ୍ତା ବୌଦ୍ଧ ଜିଲ୍ଲାକେ ୩ଟା ଟ୍ରେନ୍ ଚଲାଚଲ୍‌ର ଭିଲ୍ ଶୁଭାରମ୍ଭ କର୍‌ବେ ।

ଆଏଜ୍ ଉପର୍‌ବେଲା ୩ ବାଜିକରି ୪୦ ମିନିଟ୍‌ଥି ବାୟୁସେନାର୍ ଗୁଟେ ସ୍ୱତନ୍ତ୍ର ବିମାନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ । ବିମାନ୍ ବନ୍ଦର୍ ଠାନୁ ତ୍ରିରଙ୍ଗା ଶୋଭାଯାତ୍ରାଥି

କଳିଙ୍ଗ ଷ୍ଟାଡ଼ିୟମ୍ ଠାନୁ ଜନତା ମଇଦାନ୍‌କେ ଯିବେ । ଜନତା ମଇଦାନ୍ ଠାନେ ହେବାର୍‌କେ ଥିବା ସମାରୋହଥି ୪ ବାଜିକରି ୧୫ ମିନିଟ୍‌ଥି ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେବେ ।

ସ୍ୱାସ୍ଥ୍ୟମନ୍ତ୍ରୀ-ଡାଇରିଆ ସମୀକ୍ଷା I&PR

ରାଏଜେ ଡାଇରିଆ ଥିତି ଆଏତ୍ ହେବାର୍‌କେ ଲାଗିଛେ ହେଲେଭିଲ୍ ଲୁକେ ସତର୍କ ରହେବାର୍ ଜରୁରୀ ଆଏ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ଡାଇରିଆ ଥିତିର୍ ସମୀକ୍ଷା କରିକରି ମନ୍ତ୍ର ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ସର୍‌କାର୍ ସବୁ ପ୍ରଭାବିତ୍ ଇଲାକାମାନ୍‌କର୍ ଉପ୍‌ରେ କଡ଼ା ନଜର୍ ରଖିଛନ୍ । ସଂକ୍ରମଣ୍‌ର ତୁର୍‌ତି ମୁକାବିଲା ପ୍ରକ୍ରିୟା ଚାଲିଛେ । କଟକ୍, ଯାଜ୍‌ପୁର୍ ଆର୍ ଭଦ୍ରକ୍‌କେ ବିଶେଷଜ୍ଞ ଦଲ୍ ଯାଇକରି ଥିତି ଅନୁଧ୍ୟାନ୍ କରିଛନ୍ । ସବୁ ଇଲାକା ନ ପିଇବାର୍ ପାନିର୍ ସ୍ରୋତମାନ୍‌କର୍ ବିଶୋଧନ୍ ପ୍ରକ୍ରିୟା ଚାଲିଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ସ୍ୱାସ୍ଥ୍ୟମନ୍ତ୍ରୀ)

ଯୋଗ ଦିବସ୍- ପ୍ରଧାନ୍‌ମନ୍ତ୍ରୀ          ଆର୍‌ଏନ୍‌ୟୁ ସମ୍ବଲପୁର୍

ସାରା ପୁର୍‌ଥି ନ ଆଏବା କାଏଲ୍ ୧୧ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶ୍‌ର ବିଶାଖାପାଟ୍‌ନମ୍ ହେବାର୍‌କେ ଥିବା ଜାତୀୟ ସମାରୋହଥି ଯୋଗ୍ ଦେବେ । ସମାରୋହଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ଏକାସାଙ୍ଗେ ୫ ଲାଖ୍ ଲୋକ୍ ଯୋଗାଭ୍ୟାସ୍ କରିକରି ବିଶ୍ୱ ରେକର୍ଡ୍ କର୍‌ବାର୍‌କେ ଯାଉଛନ୍ । ସେଆଡ୍େ ଭାରତ୍ ସହେତେ ସାରା ପୁର୍‌ଥି ନ ଯୋଗ ଦିବସ୍‌କେ ନେଇକରି ଉସ୍‌ନାକି ଦେଖାଦେଇଛେ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଇ ଅବ୍‌ସରେ ଦେଶର୍ ଶହେଟା ପ୍ରସିଦ୍ଧ ପର୍ଯ୍ୟଟନ୍ ସ୍ଥଲୀ ନ ଆଉ ୫୦ ଟା ସାଂସ୍କୃତିକ୍ ସ୍ଥଲୀ ନ ଯୋଗ ଦିବସ୍ ସମାରୋହ ଆୟୋଜନ୍ କର୍‌ବାର୍‌କେ ଘୋଷ୍‌ନା କରିଛେ ।

ରାଜ୍ୟପାଲ୍          I&PR

ଫି’ ଛାତ୍ରଛାତ୍ରୀ ଜୀବ୍‌ନେ ଲକ୍ଷ୍ୟ ଧାରିଜ୍ କର୍‌ବାର୍ ଉଚିତ୍ ଆଉ ଶିକ୍ଷା ହିଁ ସେମାନ୍‌କୁ ତାଙ୍କର୍ ଲକ୍ଷ୍ୟସ୍ଥଲ୍‌କେ ପୁହୁଁଚାବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଜନଜାତି ବିଦ୍ୟାର୍ଥୀ ଅନୁଭବ ଅଧ୍ୟୟନ୍ ଯାତ୍ରାଥି ସାମିଲ୍ ହେଇଥିବା ଛାତ୍ରଛାତ୍ରୀମାନ୍‌କୁ ଗଲାକାଏଲ୍ ରାଜ୍ୟପାଲ୍

ରାଜ୍‌ଭବନ୍ ଠାନେ ଭେଟିକରି ସେମାନ୍‌କର୍ ସାଙ୍ଗେ ବିଚାର୍ ବିନିମୟ କରିଛନ୍ । ସେମାନ୍‌କର୍ ବିକାଶ୍ ଲାଗି ରହିଥିବା ଶିକ୍ଷାଗତ ଆଉ କଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ ଛାତ୍ରଛାତ୍ରୀମାନେ ଜାନିଛନ୍ କି ନାଇଁ ସେ ବାବ୍‌ଦେ ରାଜ୍ୟପାଲ୍ ପଚ୍‌ରେଇ ବୁଝିଛନ୍ । ଶିକ୍ଷାନୁଷ୍ଠାନ୍ ଆଉ ସର୍‌କାରୀ ଚାକିରୀଥି ଅନୁସୂଚିତ ଜନଜାତି ଲୁକ୍‌କର୍ ଲାଗି ଥିବା ସଂରକ୍ଷଣ୍ ବ୍ୟବସ୍ଥା ବାବ୍‌ଦେ ଭଲ୍ ଭାବେ ଜାନ୍‌ବାର୍ ଲାଗି ରାଜ୍ୟପାଲ୍ ପରାମର୍ଶ ଦେଇଛନ୍ ।

ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର୍ ପ୍ରକଳ୍ପ      ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଠାନେ ମହାନଦୀ ରିଭର୍‌ଫ୍ରଣ୍ଟ୍ ଡେଭଲପ୍‌ମେଂଟ୍ ପ୍ରକଳ୍ପଥି ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର୍ ତିଆର୍ କର୍‌ବାର୍ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । ଜଲ୍‌ସମ୍ପଦ୍ ବିଭାଗ୍ ଅତିରିକ୍ତ ସଚିବ ଗଲାକାଏଲ୍ ଇ ବାବ୍‌ଦେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖିକରି ସୂଚ୍‌ନା ଦେଇଛନ୍ । ହୀରାକୁଦ୍ ଡେମ୍‌ର ତଲ୍ ଭାଗେ ୧୩ କିଲୋମିଟର୍ ଦୂରେ ଥିବା ଅଯୋଧ୍ୟା ସରୋବର୍ ପାଖେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ତିଆର୍ କରାଯିବା ବଲି ଚିଠିଥି ଉଲ୍ଲେଖ୍ କରାଯାଇଛେ ।

ଶିଶୁ ଶ୍ରମିକ ସଚେତନତା ରଥ      ବଲାଙ୍ଗିର୍ ସମ୍ବାଦଦାତା

ସେନ୍ତା ବଲାଙ୍ଗିର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଲୟ ଠାନୁ ଶିଶୁ ଶ୍ରମିକ ନିରାକରଣ୍ ସଚେତନତା ରଥକେ ଅତିରକ୍ତ ଜିଲ୍ଲାପାଲ୍ ଡକ୍ଟର୍ ବିଜୟା ନନ୍ଦ ସେଠୀ ଶୁଭାରମ୍ଭ କରିଛନ୍ । ଶିଶୁମାନ୍କୁ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଲକ୍ କର୍ବାର୍ ସଙ୍ଗେ ଶିଶୁ ଶ୍ରମିକ ପ୍ରଥା ବନ୍ଦ୍ କର୍ବାର୍ - ଇ କାର୍ଯ୍ୟକ୍ରମ୍ର ମୁଖ୍ୟ ଲକ୍ଷ୍ୟ ଆଏ ବଲି ଶ୍ରୀ ସେଠୀ କହିଛନ୍ ।

ଶିଶୁ ଶ୍ରମିକ ନିରୋଧ୍ ସଚେତନତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଶିଶୁ ଆଉ କିଶୋର୍ ଶ୍ରମିକ ନିରୋଧ୍ ସଚେତନତା କର୍ମଶାଳା ହେଇଯାଇଛେ । ଜିଲ୍ଲା ଶ୍ରମ ବିଭାଗ୍ ତର୍ଫୁ ଆୟୋଜିତ୍ କର୍ମଶାଳାଥି ଜିଲ୍ଲାପାଲ୍ ଶ୍ରୀ ଦାସ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିଶୁମାନ୍କର୍ ଅଧିକାର୍ ସୁରକ୍ଷା ଆଉ ଶିକ୍ଷା ଅଧିକାର୍ ବାବ୍ଦେ ବୁଝେଇଥିଲେ ।

ଅପରାଧୀକ୍ ଆଇନ ସଚେତନତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପୁଲିସ୍ ବିଭାଗ୍ ତର୍ଫୁ ନୂଆଁ ଅପରାଧୀକ୍ ଆଇନ୍ କାର୍ଯ୍ୟକାରୀ ବାବଦ୍ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଲା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ, ଆରକ୍ଷୀ ଅଧିକ୍ଷକ୍ ଜି.ଆର୍. ରାଘବେନ୍ଦ୍ର ରେଡ୍ଡୀ ଯୋଗ୍ ଦେଇକରି ସଂଶୋଧିତ୍ ଅପରାଧୀକ୍ ଆଇନ୍ ବ୍ୟବସ୍ଥା ବାବ୍‌ଦେ ସଚେତନ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଲଘୁଚାପ୍ ପ୍ରଭାବ୍‌ଥି ଆଏଜ୍ ବର୍ଷା ଲାଗି ରହିଛେ । ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।